শ্রী শ্রী বজ্রমহাকালী সাংস্কৃতিক পরিষদ, পলসুধা, কেন্দ্রাপড়া।

ବନ୍ଧୁ



Regd No.23227/96/2010-11 **Ref.No.ank/inv/**

ନମସ୍କାର,

ସ୍କୁଲରେ ମାଡ଼ ବନ୍ଦ ହୋଇଗଲା ବୋଲି ପିଲାଟି ଦୁଷ୍ଟ, ବଦ୍‌ମାସ୍ ହୋଇଯିବ ? ସାର୍ ଆଉ ମାରି ପାରିବେନି ବୋଲି, ପିଲାଟି ଯାବତୀୟ କଥାରେ ସମସ୍ତଙ୍କ ସାଙ୍ଗରେ ଯୁକ୍ତି ଓ ଆଶାଳିନ କଥା କରିବ ? ଦିଲ୍ଲୀର କେଉଁ ଶିକ୍ଷକଙ୍କ ଡ଼ଷ୍ଟର ଫୋପଡ଼ାରେ ପିଲାଟିର ଆଖି ନଷ୍ଟ ହୋଇଯିବା ପରେ ଓ ତା ପରବ ୀ ଶହ ଶହ ଅଭିଯୋଗ ପରେ ସରକାର କ'ଣ ବିଦ୍ୟାଳୟରେ ଦଣ୍ଡ ବିଧାନକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରି ଦେଲେ, ପିଲାଟି ଭୟ ଓ ଅପମାନର ଚାପରୁ ମୁକ୍ତ ହୋଇଯିବ ? ଅତି ନିଷ୍ଠାର ସହ ବିଦ୍ୟାର୍ଥୀଟିର ମଙ୍ଗଳ ଚାହୁଁଥିବା ଶିକ୍ଷକଟି ମା ସୁଲଭ ମମତା ରେ ପିଲାଟିର ପିଠି ଉପରକୁ ହାତ ଆଉଁସି ଦେବାକୁ ଗଲା ବେଳେ ମନେ ପଡ଼ି ଯାଉଥିବ- ଏହାକୁ ମାଡ଼ ବୋଲି ଯଦି ପିଲାଟି ବିଚାର କଲା ବା ଅଶାଳିନ ବ୍ୟବହାର ବୋଲି ଭାବି ଅଭିଯୋଗକଲା ?

ପିଲାଟିର ସ୍ୱାଧୀନତାକୁ ଅପେକ୍ଷା କୃତ କମ୍ ଗୁରୁତ୍ୱ ଦେଇ, ଆମର ଭାବନାକୁ ତା' ଉପରେ ଲଦି ଦେବା ପିଲାଟି ପ୍ରତି ଏକ ନିର୍ଯାତନା ।

ବଦଳି ଯାଇଛି ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ପରିଭାଷା ଓ ପରିବେଶ । ଏହି ସବୁ ବିରୋଧାଭାଷରୁ ମୁକୁଳି ଏକ ଖୋଲା ଆକାଶ ତଳେ ପିଲାଟିକୁ ସ୍ୱପ୍ନ ଦେଖିବା ପାଇଁ ଚେଷ୍ଟା କରେଇବାର ମାଧ୍ୟମ ଅଙ୍କୁରାୟନ ୨୦୧୪ ।

ଏହି ମହୋତ୍ସବରେ ସାମିଲ୍ ହେବା ପାଇଁ ଆପଣଙ୍କୁ ନିବେଦନ ।

ଆବାହକ ଅଙ୍କୁରାୟନ -୨୦୧୪
ଫୋନ୍ -୯୪୩୯୯୬୪୦୯, ୯୭୬୬୭୭୬୧୩, ୯୪୩୭୪୩୯୩୭୧

Sunil Kumar Rout, Kusun Pura, Kendrapada-754174, email-bandhuodisha@gmail.com

ଅଙ୍କୁରାୟନ - ୨୦୧୪ କାର୍ଯ୍ୟକ୍ରମ ସୂଚୀ

ତାରିଖ	କାର୍ଯ୍ୟକ୍ରମ	ଯେଉଁମାନେ ଭାଗ ନେଇପାରିବେ	ସମୟ
୧୫.୦୧.୨୦୧୪ ବୁଧବାର	**ଉଦ୍‌ଘାଟନ**	**ସମସ୍ତେ**	**ପୂର୍ବାହ୍ନ ୮.୪୫ - ୯-୩୦**
	୨୦୦ ମିଟର ଦୌଡ଼ (ବରିଷ୍ଠ ଛାତ୍ର)	**ଅଷ୍ଟମ ରୁ ଦଶମ ଶ୍ରେଣୀ ଛାତ୍ର**	**ପୂର୍ବାହ୍ନ ୯.୩୦**
	ଲମ୍ଫଡ଼ିଆଁ (କନିଷ୍ଠ ଛାତ୍ରୀ)	**ପ ମ ରୁ ସପ୍ତମ ଶ୍ରେଣୀ ଛାତ୍ରୀ**	**ପୂର୍ବାହ୍ନ ୯.୩୦**
	ମଧ୍ୟାନ୍ତର-ସଂସ୍କାରବର୍ଗ	ସମସ୍ତେ	ପୂର୍ବାହ୍ନ ୧୦.୧୫-୧୧.୧୫
	୧୦୦ ମିଟର ଦୌଡ଼(କନିଷ୍ଠ ଛାତ୍ର)	ପ ମ ରୁ ସପ୍ତମ ଶ୍ରେଣୀ ଛାତ୍ର	ପୂର୍ବାହ୍ନ ୧୧.୧୫
	ଲମ୍ଫଡ଼ିଆଁ (ବରିଷ୍ଠ ଛାତ୍ରୀ)	ଅଷ୍ଟମ ରୁ ଦଶମ ଶ୍ରେଣୀ ଛାତ୍ରୀ	ପୂର୍ବାହ୍ନ ୧୧.୧୫
	ଭୋଜନ	ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ	ମଧ୍ୟାହ୍ନ ୧୨-ଅପରାହ୍ନ ୧
	ଝୋଟିଚିତା	ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ	ଅପରାହ୍ନ ୧
	ଦଉଡ଼ିଡ଼ିଆଁ (କନିଷ୍ଠ)	ପ ମ ରୁ ସପ୍ତମ ଶ୍ରେଣୀ ଛାତ୍ରୀ	ଅପରାହ୍ନ ୧.୩୦
	ଦଉଡ଼ିଡ଼ିଆଁ (ବରିଷ୍ଠ)	ଅଷ୍ଟମ ରୁ ଦଶମ ଶ୍ରେଣୀ ଛାତ୍ରୀ	ଅପରାହ୍ନ ୧.୩୦
	ମଧ୍ୟାନ୍ତର-ସଂସ୍କାରବର୍ଗ	ସମସ୍ତେ	ପୂର୍ବାହ୍ନ ୨.୧୨-୩.୧୫
	ସଙ୍ଗୀତ (ଛାତ୍ରଛାତ୍ରୀ)	ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ	ଅପରାହ୍ନ ୩.୧୫
	ସଙ୍ଗୀତ (ସର୍ବସାଧାରଣ)	ସର୍ବସାଧାରଣ	ଅପରାହ୍ନ ୪
୧୬.୦୧.୨୦୧୪ ଗୁରୁବାର	୧୦୦ ମିଟର ଦୌଡ଼ (ବରିଷ୍ଠ ଛାତ୍ରୀ)	ଅଷ୍ଟମ ରୁ ଦଶମ ଶ୍ରେଣୀ ଛାତ୍ରୀ	ପୂର୍ବାହ୍ନ ୯
	ଲମ୍ଫଡ଼ିଆଁ (କନିଷ୍ଠ ଛାତ୍ର)	ପ ମ ରୁ ସପ୍ତମ ଶ୍ରେଣୀ ଛାତ୍ର	ପୂର୍ବାହ୍ନ ୯
	ମଧ୍ୟାନ୍ତର-ସଂସ୍କାରବର୍ଗ	ସମସ୍ତେ	ପୂର୍ବାହ୍ନ ୯.୪୫-୧୧.୧୫
	୧୦୦ ମିଟର ଦୌଡ଼(କନିଷ୍ଠ ଛାତ୍ରୀ)	ପ ମ ରୁ ସପ୍ତମ ଶ୍ରେଣୀ ଛାତ୍ରୀ	ପୂର୍ବାହ୍ନ ୧୧.୧୫
	ଲମ୍ଫଡ଼ିଆଁ (ବରିଷ୍ଠ ଛାତ୍ର)	ଅଷ୍ଟମ ରୁ ଦଶମ ଶ୍ରେଣୀ ଛାତ୍ର	ପୂର୍ବାହ୍ନ ୧୧.୧୫
	ଭୋଜନ	ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ	ମଧ୍ୟାହ୍ନ ୧୨-ଅପରାହ୍ନ ୧
	ଜ୍ଞାନସିନ୍ଧୁକ (ସାଧାରଣଜ୍ଞାନ, ବରିଷ୍ଠ)	ଅଷ୍ଟମ ରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ	ଅପରାହ୍ନ ୧
	ଜ୍ଞାନକୁମ୍ଭି (ସାଧାରଣଜ୍ଞାନ, କନିଷ୍ଠ)	ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ	ଅପରାହ୍ନ ୧
	ମଧ୍ୟାନ୍ତର-ସଂସ୍କାରବର୍ଗ	ସମସ୍ତେ	ପୂର୍ବାହ୍ନ ୧.୪୫-୨.୪୫
	ବକୃତା (ବରିଷ୍ଠ)	ଅଷ୍ଟମ ରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ	ଅପରାହ୍ନ ୨.୪୫
	ବକୃତା (କନିଷ୍ଠ)	ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ	ଅପରାହ୍ନ ୨.୪୫
୧୭.୦୧.୨୦୧୪ ଶୁକ୍ରବାର	ମହକ	ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ	ପୂର୍ବାହ୍ନ ୯
	ଇନ୍ଦ୍ରଧନୁ (ଚିତ୍ରାଙ୍କନ, ବରିଷ୍ଠ)	ଅଷ୍ଟମ ରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ	ପୂର୍ବାହ୍ନ ୯
	ଇନ୍ଦ୍ରଧନୁ (ଚିତ୍ରାଙ୍କନ, କନିଷ୍ଠ)	ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ	ପୂର୍ବାହ୍ନ ୯
	ପୁଚି	ତୃତୀୟ ରୁ ପ ମ ଶ୍ରେଣୀ ଛାତ୍ରଛାତ୍ରୀ	ପୂର୍ବାହ୍ନ ୯.୪୫
	ମଧ୍ୟାନ୍ତର-ସଂସ୍କାରବର୍ଗ	ସମସ୍ତେ	ପୂର୍ବାହ୍ନ ୧୦.୩୦-୧୧.୩୦
	ସୃଜନିକା	ଅଷ୍ଟମ ରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ	ପୂର୍ବାହ୍ନ ୧୧.୩୦
	ଭୋଜନ	ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ	ମଧ୍ୟାହ୍ନ ୧୨-ଅପରାହ୍ନ ୧
	ଆବୃତି	ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ	ଅପରାହ୍ନ ୧
	ବିଶେଷ ବିତର୍କ	ସମସ୍ତେ	ଅପରାହ୍ନ ୨
	କୌତୁକ ପୋଷାକ/ଏକକ ଅଭିନୟ	ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ	ଅପରାହ୍ନ ୨.୩୦
୨୦.୦୧.୨୦୧୪ ସୋମବାର	ପୁରସ୍କାର ବିତରଣ	ସମସ୍ତେ	ସନ୍ଧ୍ୟା ୬

ନିୟମାବଳୀ

(ସମୟାନୁବର୍ତିତା କଡ଼ାକଡ଼ିଭାବେ ପାଳନ କରାଯିବ)

୧. ଅଙ୍କୁରାୟନରେ ଭାଗନେବାକୁ ଥିବା ପିଲାମାନଙ୍କ ନାମ ନିର୍ଦ୍ଧାରିତ ଫର୍ମରେ ପୂରଣ କରି, ସେହି ଫର୍ମ ଓ ଆବଶ୍ୟକ ପ୍ରବେଶିକା ଦେୟ ଅଙ୍କୁରାୟନ କାର୍ଯ୍ୟାଳୟ, ମକରପଡ଼ିଆଠାରେ ୧୪ ଜାନୁଆରୀ ସନ୍ଧ୍ୟା ୫ଟା ସୁଦ୍ଧା ପହଞ୍ଚ ଇବାର ବ୍ୟବସ୍ଥାକରିବା ପାଇଁ ପ୍ରଧାନଶିକ୍ଷକ/ଶିକ୍ଷୟତ୍ରୀମାନଙ୍କୁ ଅନୁରୋଧ । ଉପରୋକ୍ତ ଫର୍ମଟି ନିମନ୍ତ୍ରଣପତ୍ର ସହ ବିଦ୍ୟାଳୟଗୁଡ଼ିକୁ ପଠାଯାଇଛି । **ପ୍ରତ୍ୟେକ ପ୍ରତିଯୋଗିତା ପାଇଁ ପ୍ରବେଶିକା ଦେୟ ୪ ଟଙ୍କା ଓ ୨ ରୁ ଅଧିକ ପ୍ରତିଯୋଗିତା ପାଇଁ ୧୦ ଟଙ୍କା ରଖା ଯାଇଛି ।**

୨. ଛାତ୍ରଛାତ୍ରୀମାନେ ନିଜ ପରିଚୟପତ୍ର ସହ ବିଦ୍ୟାଳୟ ପୋଷାକରେ ଆସିବା ବାଞ୍ଛନୀୟ । ସେମାନେ ଅଂଶଗ୍ରହଣ କରିବାକୁଥିବା କାର୍ଯ୍ୟକ୍ରମର ନିର୍ଦ୍ଧାରିତ ସମୟର ଏକ ଘ । ପୂର୍ବରୁ ଅଙ୍କୁରାୟନ ମ ଠାରେ ପହ ବା ଦରକାର ପଡ଼େ । ସବୁବେଳେ ଓ ସମସ୍ତ ପ୍ରକାରରେ ଶୃଙ୍ଖଳା ରକ୍ଷାକରିବା ଏକ ପ୍ରାଥମିକ ଆବଶ୍ୟକତା ।

୩. ଦଉଡ଼ିଡ଼ିଆଁ, ଝୋଟି, ଇନ୍ଦ୍ରଧନୁ ଓ ସଙ୍ଗୀତ : ଏହି କାର୍ଯ୍ୟକ୍ରମ ଗୁଡ଼ିକରେ ଭାଗନେବାକୁ ଥିବା ଛାତ୍ରଛାତ୍ରୀମାନେ ସାଥିରେ ଯଥାକ୍ରମେ ଦଉଡ଼ି, ଝୋଟିପକା ଉପକରଣ, ରଙ୍ଗତୁଳୀ/ସ୍କେଚ୍‌ପେନ୍ ବା ବାଦ୍ୟଯନ୍ତ୍ର ଆଣିବା ଆବଶ୍ୟକ । ଇନ୍ଦ୍ରଧନୁ କାର୍ଯ୍ୟକ୍ରମରେ ପିଲାମାନଙ୍କୁ ଡ୍ରଇଁସିଟ୍ ଯୋଗାଇଦିଆଯାଏ ।

୪. ସାଧାରଣଜ୍ଞାନ : ଜ୍ଞାନସିନ୍ଧୁକ (ବରିଷ୍ଠ) ଓ ଜ୍ଞାନକୁଂପି (କନିଷ୍ଠ) ରେ ପିଲାମାନଙ୍କୁ ପ୍ରଶ୍ନପତ୍ର ଯୋଗାଇଦିଆଯାଏ । ପ୍ରଶ୍ନ ତଳେ ଦିଆଯାଇଥିବା ସାମ୍ଭାବ୍ୟ ଉ ରମାନଙ୍କ ମଧ୍ୟରୁ ସଠିକ୍ ଉ ରରେ ଡ଼ାହାଣପାଖରେ ଥିବା କୋଠରୀରେ ଠିକ୍‌ଚିହ୍ନ ମାରିବାକୁ ହୁଏ ।

୫. ମହକ : ସାମଗ୍ରିକ ବ୍ୟକ୍ତିତ୍ୱର ସାମ୍ଭାବ୍ୟ ଆକଳନପୂର୍ବକ ସବୁଠୁଁ ଭଲ ପିଲାଟିକୁ ବାଛିବା ଏ କାର୍ଯ୍ୟକ୍ରମର ବିଶେଷ ଅଭିପ୍ରାୟ । ପିଲାଟି ସହ ଏକ ପ୍ରାକୃତିକ ପରିବେଶରେ କିଛି ଭାବବିନିମୟ କରାଯାଏ । ଏଥିରେ କେବଳ ଜଣକୁ ସେ ବର୍ଷର ମହକ ଭାବେ ଘୋଷଣା କରାଯାଏ । ପୂର୍ବରୁ ଥରେ ମହକ ଭାବେ ସ୍ୱୀକୃତ ହୋଇଥିବା ପିଲାମାନେ ଏଥିରେ ଆଉଥରେ ଭାଗନେଇ ଭାଗନେଇପାରନ୍ତି ନାହିଁ ।

୬. ସୃଜନିକା : ନୂଆକିଛି ଲେଖିପାରିବାର କଳାକୁ ସ୍ୱୀକୃତଦେବା ନିମନ୍ତେ ଏହାର ପରିକଳ୍ପନା । ଏହା ଚିରାଚରିତ ପ୍ରବନ୍ଧ ପ୍ରତିଯୋଗିତା ନୁହେଁ । ପିଲାଟିଏ ଆପଣାଛାଏଁ ଅନ୍ତରଙ୍ଗଥିବା ବିଷୟଟିଏ ଉପରେ ତାଙ୍କୁ ୧ ଘ । ମଧ୍ୟରେ ୩୦ ରୁ ୫୦ ବାକ୍ୟରେ କିଛି ଲେଖିବାକୁ କୁହାଯାଏ । ଦିଆଯାଉଥିବା ବିଷୟଗୁଡ଼ିକ ସାଧାରଣତଃ ପ୍ରବନ୍ଧବହି ମାନଙ୍କରେ ମିଳେନା । ଶବ୍ଦସଂଯୋଜନା ଓ ଉପସ୍ଥାପନଶୈଳୀ ସହ ସୃଜନଶୀଳତା ମଧ୍ୟ ବିଚାର୍ଯ୍ୟ । କିଛି ନିର୍ବାଚିତ ଲେଖା ଆମ ବାର୍ଷିକ ପତ୍ରିକା "କଲମ"ରେ ସ୍ଥାନ ପାଏ ।

୭. ବକୃତା : ଏବର୍ଷ ପାଇଁ କନିଷ୍ଠ ବିଭାଗର ବିଷୟ "ମୋ ଗାଁ, ମୋ ମା" ଏବଂ ବରିଷ୍ଠ ବିଭାଗର ବିଷୟ "ପଲିଥିନ !" ରଖାଯାଇଛି । ପ୍ରତ୍ୟେକଙ୍କୁ ୫ ମିନିଟ୍ ସମୟ ଦିଆଯିବ ।

୮. ଆବୃତି : ସ୍ପଷ୍ଟ ଓ ସଠିକ୍ ଭାବେ କହିବା ଏକ କଳା ତଥା ପ୍ରତିଭା । ଏହାକୁ ସ୍ୱୀକୃତିଦେବା ଆବୃତି କାର୍ଯ୍ୟକ୍ରମର ଲକ୍ଷ୍ୟ । ଏଥିପାଇଁ ପିଲାମାନେ ସ୍ୱନିର୍ବାଚିତ ପଦ୍ୟ (ପଦ୍ୟାଂଶ) କୁ ଉପଯୁକ୍ତ ଭାବ ଓ ଭଙ୍ଗୀ ସହ ଉପସ୍ଥାପନ କରିବାକୁ ହୁଏ ।

୯. କୌତୁକ ପୋଷାକ/ଏକକ ଅଭିନୟ: ଏଥିପାଇଁ କେତୋଟି ସମ୍ଭାବ୍ୟ ବିଷୟବସ୍ତୁର ତାଲିକା: ମନ୍ତ୍ରଉଚ୍ଚାରଣ ସହ ଠାକୁର ପୂଜା, ସଂଧ୍ୟା ଆଳତୀ, ସକାଳ ନିତ୍ୟକର୍ମ ଯଥା ବିଛଣାରୁ ଉଠିବା, ଦାନ୍ତ ଘଷା, ମୁହଁ ଧୁଆ, ଗାଧୁଆ, ମୁଣ୍ଡ କୁଣ୍ଡାଇବା, ଶ୍ରେଣୀରେ ଶିକ୍ଷକ ପାଠପଢ଼ାଇବା, ଚାଷକାମ ଯଥା ଧାନକାଟିବା, ଧାନବାଢ଼ିଇବା, ବେଙ୍ଗଳାବୁଲାଇବା, ହଳକରିବା, ସାଇକେଲ ଚଲାଇବା, କୌଣସି ଖେଳଖେଳିବା, ବିଭିନ୍ନ ପ୍ରକାରରେ ଚାଲିବା, ବିଭିନ୍ନ ପ୍ରକାରରେ ହସିବା, ବିଭିନ୍ନ ପ୍ରକାରରେ କହିବା, ବିଭିନ୍ନ ପ୍ରକାରରେ କାନ୍ଦିବା, ବିଭିନ୍ନ ପ୍ରକାରରେ ହାଇମାରିବା, ବାପା ବୋଉଙ୍କ ଅଭିନୟ, ଭୂତର ଅଭିନୟ, ଡ଼ାହାଣୀର ଅଭିନୟ, ଜୋକରର ଅଭିନୟ, ପାଗଳର ଅଭିନୟ, ବିହନ ବୁଣିବା, ରୋଷେଇ କରିବା, ବିଭିନ୍ନ ଖାଦ୍ୟ ଖାଇବା, ଘର ଓଳାଇବା, ଲୁଗା ସଫାକରିବା, ଡଙ୍ଗା ଚଳାଇବା, ମହାପୁରଷ ବା ଦେବାଦେବୀଙ୍କ ଭଳି ବେଶଭୂଷା ହେବା, ନୂଆ ବୋହୂ/ବର ବେଶ ହେବା, କୀ ର୍ତ୍ତନ କରିବା ଇତ୍ୟାଦି ।

୧୦. ମଧ୍ୟାନ୍ତର-ସଂସ୍କାରବର୍ଗ: ପ୍ରତିଭାର ବହୁଧା ବହମାନ ଧାରା ଉପଧାରାଗୁଡ଼ିକୁ ଚିହ୍ନଟ କରିବାରେ ପ୍ରତିଯୋଗିତାର ଧରାବନ୍ଧା ନିୟମ ବିଫଳ ହେବାକୁ ଯେମିତି ବାଧ୍ୟ ଠିକ୍ ସେମିତି ଆନନ୍ଦର ଅନନ୍ତ ସମ୍ଭାବନାଗୁଡ଼ିକ ପ୍ରଚଳିତ ସାଧନ ଯଥା ସିନେମା, କ୍ରିକେଟ, ଅଯଥା କଥାବା ର୍ତ୍ତା ଇତ୍ୟାଦିର ସରହଦ ଅତିକ୍ରମ କରିଯିବା ଅପରିହାର୍ଯ୍ୟ । କିନ୍ତୁ "ଅଙ୍କୁରାୟନ" ପ୍ରତିଭାର ସମସ୍ତ ସମ୍ଭାବନାକୁ ଓ ଆନନ୍ଦର ପରିଭାଷାକୁ ସ୍ୱୀକାର କରେ । କେବଳ ସେଇଥିପାଇଁ ମଧ୍ୟାନ୍ତର-ସଂସ୍କାରବର୍ଗ । କିଛି ସ୍ୱୀକୃତ ପ୍ରଭିଭା ଥାଉକି ନଥାଉ ପ୍ରତି ପିଲା ପାଇଁ ଏହା ଏକ ମୁକ୍ତମ ା । ତା ଓଠରେ ଧାରେ ଖା ି ହସ ଥାପିଦେବା ହିଁ ଉଦ୍ଦେଶ୍ୟ । ଏବର୍ଷ ମଧ୍ୟାନ୍ତର ର ଅନେକ କାର୍ଯ୍ୟକ୍ରମ ମଧ୍ୟରୁ ପ୍ରଥମ ଦିନ (୧୫ ଜାନୁଆରୀ) ଦହିହାଣ୍ଡି ଭାଙ୍ଗିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଯେଉଁମାନେ ଏଥିରେ ଭାଗ ନେବେ, ସେମାନେ ନିଜକୁ କୃଷ୍ଣଙ୍କ ଭଳି ବେଶଭୂଷାରେ ସଜେଇ ହୋଇ ଆସିବାକୁ ଅନୁରୋଧ । ୨ୟ ଦିନ(୧୬ ଜାନୁଆରୀ) ରେ ରଙ୍ଗୋଲି ପାଇଁ ମୁରୁଜ ସାଥିରେ ଆଣିବାକୁ ମଧ୍ୟ ଅନୁରୋଧ । ପିଲା ଏବଂ ଶିକ୍ଷକ ଶିକ୍ଷୟତ୍ରୀଙ୍କର କାର୍ଯ୍ୟକ୍ରମ Music hair ମଧ୍ୟ ମଧ୍ୟାନ୍ତରର ଅନ୍ୟ ଆକର୍ଷଣ । ଏଥିପାଇଁ ପୂର୍ବରୁ ନାମ ଦେବା ଦରକାର ହୁଏନାହିଁ କି ପ୍ରବେଶିକା ଦେୟ ଦେବାକୁ ପଡ଼େନାହିଁ । ଏହା ପ୍ରତିଦିନ ଆୟୋଜିତ ହେବ ।

୧୧. ବିଶେଷ ବିତର୍କ: "ଶିଶୁର ସ୍ୱାଧୀନତାକୁ ସମାଜ ପ୍ରଭିବିତ କରୁନି ତ ?" ଏଥିରେ ଅଂଶଗ୍ରହଣ କରିବା ପାଇଁ ପିଲା, ଶିକ୍ଷକ, ଅଭିଭାବକ ତଥା ସର୍ବସାଧାରଣଙ୍କୁ ବିଶେଷ ଅନୁରୋଧ । ଏହା ଅପରାହ୍ନରେ ଆୟୋଜିତ ହେବ ।

୧୨. ବିଶେଷ ସ୍ୱୀକୃତି: କନିଷ୍ଠ ଓ ବରିଷ୍ଠ ବିଭାଗରେ ସର୍ବୋ ମ ପ୍ରଦର୍ଶନ କରିଥିବା ଛାତ୍ର ବା ଛାତ୍ରୀଙ୍କୁ ଯଥାକ୍ରମେ 'ମକରପ୍ରତିଭା' ଓ 'ବନ୍ଧୁପ୍ରତିଭା' ଭାବେ ସ୍ୱୀକୃତି ଦିଆଯାଏ । ସର୍ବୋ ମ ପ୍ରଦର୍ଶନ କରିଥିବା ବିଦ୍ୟାଳୟକୁ "ମକରଗୌରବ" ଭାବେ ସମ୍ମାନିତ କରାଯାଏ ।

୧୩. "ଅଙ୍କୁରାୟନ"ରେ ଅଂଶଗ୍ରହଣ କରୁଥିବା ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ପ୍ରତିନିଧି ଓ ସ୍ୱଚ୍ଛାସେବକମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଏ ।

୧୪. ଗୋଟିଏ ନିର୍ଦ୍ଦିଷ୍ଟ ପ୍ରତିଯୋଗିତାରେ ଗୋଟିଏ ବିଦ୍ୟାଳୟରୁ ସର୍ବାଧିକ ୩ ଜଣ ଭାଗନେଇପାରିବେ । ଜଣେ ଛାତ୍ର ବା ଛାତ୍ରୀ ଅତି ବେଶିରେ ୪ଟି ପ୍ରତିଯୋଗିତାରେ (ମଧ୍ୟାନ୍ତର-ସଂସ୍କାରବର୍ଗ ଓ ବିଶେଷ ବିତର୍କ କୁ ଛାଡ଼ି) ଅଂଶଗ୍ରହଣ କରିପାରିବେ ।

୧୫. "ଅଙ୍କୁରାୟନ" ସଂପର୍କୀୟ ସମସ୍ତ ପ୍ରସଙ୍ଗରେ ଆୟୋଜନ ପରିଷଦ ର ନିଷ୍ ିହିଁ ଚୂଡ଼ାନ୍ତ ।

୧୬. ପୁରସ୍କାର ବିତରଣ: ୨୦ ଜାନୁଆରୀ ୨୦୧୪ ସୋମବାର ସଂଧ୍ୟା ୬ଟାରେ ମକର ମ ରେ ଅନୁଷ୍ଠିତ ହେବ ।

୧୭. ସ୍ୱେଚ୍ଛାସେବକ: ଛାତ୍ରଛାତ୍ରୀମାନେ ସ୍ୱେଚ୍ଛାସେବକଭାବେ ଆୟୋଜନ ପରିଷଦ ସହ ଯୋଗଦେଇପାରିବେ । ଏଥିପାଇଁ ଉପଯୁକ୍ତ ଦକ୍ଷତାଥିବା ପିଲାମାନଙ୍କର ନାଁ ଅନୁମୋଦନ କରିବାପାଇଁ ପ୍ରଧାନଶିକ୍ଷକ/ଶିକ୍ଷୟତ୍ରୀମାନଙ୍କୁ ଆମର ବିଶେଷ ଅନୁରୋଧ । ସେମାନଙ୍କୁ ଯଥାର୍ଥ ସ୍ୱୀକୃତି ଦିଆଯାଏ ।

୧୮. "ଅଙ୍କୁରାୟନ" ବାବଦରେ ସମସ୍ତ ଅନୁସନ୍ଧାନ, ମତାମତଦେବା ଫୋନ୍‌ନଂବର 9439996409, 9776727713, 9437439371 ବା 9437385844 ରେ କରାଯାଇପାରେ ।

ଏଇ ନିୟମାବଳୀ, ଅଙ୍କୁରାୟନ-୨୦୧୪ କାର୍ଯ୍ୟକ୍ରମ ସୂଚୀ ଓ ପ୍ରଚାରପତ୍ର ସ୍କୁଲ ନୋଟିସ୍‌ବୋର୍ଡ଼ରେ ଲଗାଇବା ପାଇଁ ଅନୁରୋଧ ।